# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ପାଣିପାଗ ଖେତ୍ରୟ ୟୁନିଟ ଜି ଉଦୟଗିରି .

### ଆଞ୍ଚଳିକ ଜେବେଷଣା ଓ ବୈଷିକ ସମ୍ପ୍ରସାରଣ କେନ୍ଦ୍ର ଜି ଉଦୟଗିରି ., କନ୍ଧମାଳ

### ଓଡିଶା କୃଷି ଓ ବୈଷିୟୀକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର

### ପାଣିପାଗ ପୁର୍ବାନୁମାନ : ୦୧. ୦୧.୨୦୧୯ ଠାରୁ ୦୬ .୦୧. ୨୦୧୯

| ଜିଲା | ତାରିଖ | ବର୍ଷା ( ମି ମି ) | ସର୍ବାଧିକ ତାପମାତ୍ରା (ସେ ଗ୍ରେ ) | ସର୍ବନିମ୍ନ ତାପମାତ୍ରା ( ସେ ଗ୍ରେ ) | ମେଘାଛନ | ସର୍ବାଧିକ ଆଦ୍ରତା | ସର୍ବାଧିକ ଆଦ୍ରତା | ବାୟୁ ର ଗତି | ବାୟୁ ର ଗତି ଦିଗ ( ଡ଼ି ) |
|---|---|---|---|---|---|---|---|---|---|
| ଗଜପତି | ୦୨. ୦୧.୨୦୧୯ | ୦ | ୧୩ | ୧୦ | ୦ | ୫୪ | ୩୦ | ୪ | ୫୨ |
| | ୦୩. ୦୧.୨୦୧୯ | ୦ | ୧୩ | ୧୦ | ୦ | ୬୫ | ୩୧ | ୬ | ୧୨୦ |
| | ୦୪. ୦୧.୨୦୧୯ | ୦ | ୧୩ | ୧୧ | ୦ | ୫୯ | ୩୩ | ୫ | ୫୮ |
| | ୦୫. ୦୧.୨୦୧୯ | ୦ | ୧୩ | ୧୧ | ୦ | ୬୧ | ୩୫ | ୭ | ୫୮ |
| | ୦୬. ୦୧.୨୦୧୯ | ୦ | ୧୩ | ୧୧ | ୦ | ୫୬ | ୩୪ | ୫ | ୬୭ |

### କୃଷି ଉପଦେଶ

**ରାତିର ତାପମାତ୍ରା କମ୍ ରହୁଥିବାରୁ ଉପଯୁକ୍ତ କୃଷି ପଦକ୍ଷେପ**

1. ଧାନ ତଳି ପକାଇବା ପାଇବା ପାଇଁ ଧାନ ବିହନ ଗଜା କରୁଥିଲେ ତାପମାତ୍ରା କମ୍ କରିବା ଯୋଗୁଁ ଧାନ ଭଲ ଗଜା ହୋଇପାରେ ନାହିଁ। ତେଣୁ ଭିଜା ଧାନକୁ ଅଖାରେ ଭର୍ତିକରି ମଝିରେ ମଝିରେ ଗରମ ପାଣି ସିଂଚନ କରନ୍ତୁ।
2. ରାତିର ତାପମାତ୍ରା କମ୍ ରହୁଥିବାରୁ ତଳିଘରାରେ ଧାନ ତଳି ଭଲ ବଢିବା ପାଇଁ ଶୁଖିଲା ଖତକୁ ଗୁଣ୍ଡ କରି ପ୍ରୟୋଗ କରନ୍ତୁ। ଯଦ୍ଵାରା ତାପମାତ୍ରା ଅଧିକ ରହିବ ଓ ତଳି ଭଲଭାବରେ ବଢିବ।
3. ଆଗକୁ ଖରା ଓ ଶୁଖିଲା ପାଗ ହେବାକୁ ଥିବାରୁ ଧାନକୁ ଭଲଭାବରେ ଶୁଖାଇ ଅମଳ କରନ୍ତୁ ଓ ଅମଳ ପରେ ଧାନକୁ ସାଇତି ରଖିବା ପୂର୍ବରୁ ଗୋଦାମରେ ସାଇତା ପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଟାଣ ଖରାରେ ସାଇତି ରଖନ୍ତୁ।
4. ବିଳମ୍ବ ଶୀତ ଦିନିଆ କୋବି ଓ ଟମାଟୋ ଫସଲ ପାଇଁ ତଳି ପକାଉଥିଲେ ତଳିଘରାର ତାପମାତ୍ରା ଅଧିକ ରଖିବା ପାଇଁ ବିହନ ଲଗାଇ ନଡା ଦ୍ଵାରା ଆଚ୍ଛାଦନ କରନ୍ତୁ କିମ୍ବା ପଲିଥିନ୍ ରେ ତଳି ଘରାକୁ ରାତି ସମୟରେ ଘୋଡାଇ ସକାଳୁ ବାହାର କରିଦିଅନ୍ତୁ।
5. ବର୍ତ୍ତମାନ ପନିପରିବା ତଳି ରୋଇ ଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ।
6. ବର୍ତ୍ତମାନ ତାପମାତ୍ରା କମ ଥିବାରୁ ଗଜା ଭଲ ହେବ ନାହିଁ। ତେଣୁ ତୈଳବୀଜ ଫସଲର ବୁଣାବୁଣି ପାଇଁ ତାପମାତ୍ରା ବଢିବା ପର୍ଯ୍ୟନ୍ତ

- ଜଳସେଚନର ସୁବିଧା ଥିଲେ ଗୋଲାପ ଫୁଲ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଲଗାଯାଇ ପାରିବ ।ଗଛ କୁ ଗଛ 60X60 କିମ୍ବା 1X1 ମିଟର ବ୍ୟବଧାନ ରଖନ୍ତୁ । ଅଧିକ ଫୁଲ ପାଇବା ପାଇଁ ବ୍ୟବଧାନ 30X30 କମାଇ ପାରିବେ ।ଗଛ ଲଗାଇବା ପରେ ପାଣି ଦିଅନ୍ତୁ । ନୂଆ ଡାଳ କଅଁଳିବା ପର୍ଯ୍ୟନ୍ତ ହାଲୁକା ଜଳସେଚନ କରିଥାଆନ୍ତୁ ।

**ତଳିଘରା ଯତ୍ନ**

- ତଳିଘରାରେ ମଝିରେ ମଝିରେ ହାଲୁକା ଜଳସେଚନ କରନ୍ତୁ । ତଳି ପକାଇବାର 1 ରୁ 2 ସପ୍ତାହ ହୋଇଥିଲେ ତଳିର ବୃଦ୍ଧି ସଙ୍ଗେ ସଙ୍ଗେ ତଳି ପଟାଳୀରେ ସାମାନ୍ୟ ଠିଆ ପାଣି ବାନ୍ଧି ରଖନ୍ତୁ ।
- ତଳି 15 ଦିନର ହୋଇଯାଇଥିଲେ 10 ଡେସିମିଲି ତଳିଘରାରେ 8 କିଗ୍ରା ସି.ଏ.ନ୍ ବା ସୋନା କିମ୍ବା 4 କିଗ୍ରା ୟୁରିଆ ସାର ଓ ଶୁଖିଲା ଗୁଣ୍ଡ ଖତ ପକାନ୍ତୁ ।
- ଫସଲକୁ କାଣ୍ଡବିନ୍ଧା ପୋକ ଓ ସୂତ୍ରଜୀବ ଜନିତ ମୂଳ ସଢାକରୁ ରକ୍ଷା କରିବାପାଇଁ ଉପାଡିବାର ଏକ ସପ୍ତାହ ପୂର୍ବରୁ ପ୍ରତି 10 ଡେସିମିଲି ତଳିଘରାରେ 800 ଗ୍ରାମ୍ କାର୍ଟାପ କିମ୍ବା 1200 ଗ୍ରାମ୍ କାର୍ବୋଫୁରାନ୍ ପ୍ରୟୋଗ କରନ୍ତୁ ଏବଂ 2 ରୁ 3 ଦିନ ପାଣି ବାନ୍ଧି ରଖନ୍ତୁ କିମ୍ବା ତଳି ଉପାଡିବାର 3 ଦିନ ଆଗରୁ ପ୍ରତି ଲିଟର ପାଣିରେ 2 ମିଲି ହିସାବରେ କ୍ଲୋରପାଇରିଫସ୍ କିମ୍ବା ଫସ୍ଫାମିଡନ ମିଶାଇ ସିଞ୍ଚନ କରନ୍ତ ।

---

- ସୋରିଷ ଫସଲରେ ସବୁଜ ପୋକ, କରତିଆ ମାଛି ଲାଗିବାର ଦେଖା ଯାଇଛି। ଏହାର ଦମନ ପାଇଁ ଏକର ପ୍ରତି 200 ଲିଟର ପାଣିରେ 200 ମିଲି ଡେଲ୍ଟାମେଥ୍ରିନ୍ କିମ୍ବା 400 ମିଲି ଏଣ୍ଡୋସେଲଫାନ୍ ମିଶାଇ ସିଂଚନ କରନ୍ତୁ। ଆଗରୁ ଲଗା ଯାଇଥିବା ଶୋରିଷ ଫସଲକୁ 25 ରୁ 30 ଦିନର ହୋଇଥିଲେ କୋଡାଖୁସା କରି ଘାସ ବାଛନ୍ତୁ।ଅନୁମୋଦିତ ଯବକ୍ଷାରଜାନ ସାରର ବଳକା ସାରକ ଶୀର୍ଷ ସାର ରୂପେ ବ୍ୟବହାର କରନ୍ତୁ।

- ବର୍ତମାନ  ବାଇଗଣ ଓ ଟମାଟୋରେ ଝାଉଁଳାରୋଗର  ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ପ୍ରତି 10  ଲିଟର ପାଣିରେ 1 ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍  ମିଶାଇ ମୂଳରେ ସିଂଚନ କରନ୍ତୁ |

<u>ପଶୁ ସମ୍ପଦ</u>

- କୁକୁଡାକୁ ଅତ୍ୟଧିକ ଶୀତ ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଘରକୁ ରାତିରେ ପଲିଥିନ୍ କିମ୍ବା ଅଖାରେ ଘୋଡାଇ ଦିଅନ୍ତୁ ।
- ଘରର ବାଡିରେ ଉନ୍ନତ କିସମର ଅଣ୍ଡାଦିଆ କୁକୁଡା ପାଳନ୍ତୁ ।
- ନଡାର ସୁବିଧା ଥିଲେ ପିଡିଆ ମିଶ୍ରିତ ନଡା ଉପଚାର କରନ୍ତୁ । ଏଥିପାଇଁ ଆବଶ୍ୟକ ଉପାଦାନ ହେଲା ୟୁରିଆ 4 କେଜି, ପାଣି 50 ଲିଟର, ଓ ନଡା 100 କେଜି ।ପିଡିଆ ମିଶ୍ରିତ ନଡା ଉରଚାର କୁ ଗର୍ଭ ଗାଇ ଓ ବାଛୁରୀ କୁ ଛାଡି ପଡିଆ ଗାଇ ଓ ଦୁଧିଆଳୀ ଗାଇଙ୍କୁ ଖାଇବାକୁ ଦିଅନ୍ତୁ ।

<u>ମାଛ ଚାଷ</u>

- ଶୀତ ଦିନେ ପୋଖରୀରେ ସାଧାରଣତଃ ଖାଦ କମାଇବା ସହିତ ଜୈବିକ ସାର ପ୍ରୟୋଗ ନକରିବା ଉଚିତ୍ |
- କଲୁନାରିସ୍ ବୀଜାଣୁ ଦ୍ଵାରା ଆକ୍ରାନ୍ତ ମାଛର ଗାଲିଦେହରେ ହଳଦିଆ ବା କମଳା ରଙ୍ଗର ଦାଗ ହୋଇ ଘା ହୋଇଯାଏ । ମାଛକୁ ସଫା, କୌଶଲ୍ୟାଗଙ୍ଗ ଦ୍ଵାରା ପ୍ରସ୍ତୁତ ଏକ ଔଷଧ ପଣ୍ଡଏଡ୍ କିମ୍ବା 30 ପିପିଟି ଲୁଣ ପାଣିରେ 4 ମିନିଟ୍ ବୁଡାଇ ଛାଡିଲେ ରୋଗ ଭଲ ହୋଇଯିବ ।ଏହା ବ୍ୟତିତ ପ୍ରତି ଏକର ମିଟର ପୋଖରୀ ପାଣିରେ 40 କିଗ୍ରା କାର୍ବୋନେଟ୍ ଚୂନ ପ୍ରୟୋଗ କରନ୍ତୁ ।

## ବିଶେଷ ସୂଚନା

କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିସାନ କଲ କେନ୍ଦ୍ର( Kisan call center )  ୧୫୫୧

ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା ଜି ଉଦୟଗିରି .**